# Akashvani, Sambalpur

## SAMBALPURI NEWS EVENING BULLETIN

## 7 July 2025- 7.02 pm- 7.12 pm.

*******************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ହେଉଛେ ମାହାପୁରୁଙ୍କର୍ ଅଧରପଣା ନୀତି- ଆଏବା କାଏଲ୍ ହେବା ନୀଳାଦ୍ରୀ ବିଜେ ।

୨- ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ସର୍‌ଲା- ସୂଚ୍‌ନା ଦେଲେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ।

୩- ରାଜ୍ୟକେ ୨୦୩୬ ମସିହାତକ୍ ପରିବେଶ୍ ପର୍ଯ୍ୟଟନ୍ କ୍ଷେତ୍ରଥି ଗୁଟେ ମୋଡ଼େଲ୍ ଭାବେ ବିକଶିତ୍ କରାଯିବା- କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ମସ୍ୟ ଚାଷ୍ ଆଉ ଉଦ୍ୟାନ କୃଷି ସେବା କେଢ଼ର୍ ବଢ଼ାଲେ ରାଜ୍ୟ ସର୍‌କାର୍ ।

ଅଧରପଣା ନୀତି          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଅଷାଢ଼ ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥି ଦିନ ଗରୁଡ଼ ଶୟନ ନୀତି ସହେତେ ତିନ୍ହି ରଥ ନ ମାହାପୁରୁମାନ୍କର୍ ଅଧରପଣା ନୀତି ହେବା । ମଧ୍ୟାହ୍ନ ଧୂପ ସର୍ଲା ଉତ୍ରୁ ଉପର୍ବେଲା ସାଢ଼େ ୪ ବଜେନୁ ନୀତିକାନ୍ତି ମୁଲ୍ ହେଇଯାଇଛେ । ରାତିର୍ ସାଢ଼େ ୮ ବଜେ ଅଧରପଣା ନୀତି ଶେଷ୍ ହେବା । ଡେରି ରାତି ୨ ବଜେ ମାହାପୁରୁମାନ୍କର୍ ରାତ୍ରପହୁଡ଼ ନୀତି ସାଙ୍ଗେ ଆଏବା କାଏଲ୍ ରଥଯାତ୍ରାର୍ ଶେଷ୍ ପରବ୍ ନୀଳାଦ୍ରୀ ବିଜେ ହେବା ।

ପରମ୍ପରା ଅନ୍ସାରେ ମହାପ୍ରଭୁ ଶ୍ରୀଜଗନ୍ନାଥ୍, ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ରଥ ଉପ୍ରେ ୩ ଟା ଲେଖା ଅଧର୍ ଉଚାର୍ ତୁମ୍ବା ଆକାରର୍  ମାଟିର୍ ହାଁଡ଼ିଥି ପଣା ରଖାଯିବା । ଇ ପଣାକେ ଗୁରସ୍, ସର୍, ଖିର୍ସା, କର୍ପୁର, ନବାତ, ଗୋଲ୍ମରିଚ, ଇଲାଚି ଆଉ ପାଚଲା କଦେଲ୍ଥି ତିଆର୍ କରାଯାଏସି । ପତ୍ରିବଡୁ, ଶୁଆବଡୁ ଆର୍ ଗରାବଡୁ ସେବକମାନେ ତିନ୍ହି ରଥ ନ ପୂଜା ପାଠ୍ କର୍ସନ୍ । ପୂଜାପଣ୍ଡା ସେବକ ମାନେ ପଂଚ ଉପଚାର୍ ପଦ୍ଧତିଥି ଶ୍ରୀବିଗ୍ରହମାନ୍କୁ ଅଧରପଣା ଅର୍ପଣ କର୍ସନ୍ । ନୀତିକାନ୍ତି ସର୍ଲା ଉତ୍ରୁ ହାଁଡ଼ିମାନ୍କୁ ଭଙ୍ଗାଯିବା । ଇ ପଣା ପାଇକରି ରଥ ପାର୍ଶ୍ୱ ଦେବାଦେବୀ, ଅଶରୀର ଆଉ ଚଣ୍ଡିଚାମୁଣ୍ଡା ମୁକ୍ତି ପାଏବେ ।

ରତ୍ନଭଣ୍ଡାର୍ ମରାମତି କାମ୍ ଶେଷ ଏକ୍ସ

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଶେଷ୍ ହେଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ସେ କହିଛନ୍, ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍ ର ସିଧାସଲଖ୍ ଦେଖିରେଖିଥି ଭିତର୍ ଆଉ ବାହାର୍ ରତ୍ନଭଣ୍ଡାର୍ ମରାମତି କାମ୍ କରାଯାଇଥିଲା । ମୋଟ୍ ୯୫ ଦିନ୍ ଧରିକରି କାମ୍ ଚାଲିଥିଲା । ରତ୍ନ ଅଲଙ୍କାର୍ ମାନ୍‌କୁ ସୁରକ୍ଷିତ୍ ଭାବେ ରଖାଯାଇଛେ । ସ୍ଥାନାନ୍ତର୍ କଲା ଉତ୍‌ରୁ ଗନ୍‌ତି କରାଯିବା ବଲି ଶ୍ରୀ ପାଢ଼ୀ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ କେପିଟାଲ୍ ନର୍ସରୀ ପାଖେ ଥିବା ଜନଶୁଣାଣି ଶିବିର୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିଛନ୍ । ଇଥିର୍‌ଲାଗି ମୋଟ୍ ହଜାରେ ଝନ୍ ପଞ୍ଜିକରଣ୍ କରିଥିଲେ । ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ ଦିଗେ ପଦକ୍ଷେପ୍ ନେଇଛନ୍ । ଶିବିର୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ୭ ଝନ୍ ସଦସ୍ୟ, ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ଭିନ୍ ଭିନ୍ ବିଭାଗ୍‌ର

ସଚିବ ମାନେ ଉପସ୍ଥିତ୍ ଥିଲେ । ଇଟା ଥିଲା ମୁଖ୍ୟମନ୍ତ୍ରୀଙ୍କର୍ ୧୧ ନମ୍ବର୍ ଜନଶୁଣାଣି ।

ମୁଖ୍ୟମନ୍ତ୍ରୀ ପରିବେଶ୍ ପର୍ଯ୍ୟଟନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୨୦୩୬ ମସିହାତକ୍ ୧୦ ଲାଖ୍ ସବୁଜ ଜୀବିକା ତିଆର୍ କରାଯାଇକରି ରାଜ୍ୟକେ ପରିବେଶ୍ ପର୍ଯ୍ୟଟନ୍ କ୍ଷେତ୍ରଥି ଗୁଟେ ମୋଡ଼େଲ୍ ଭାବେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ବି.ଏନ୍. ହାଇସ୍କୁଲ୍ ଠାନେ ଆଏଜ୍ ହେଇଥିବା ୭୬ ନମ୍ବର୍ ରାଜ୍ୟସ୍ତରୀୟ ବନ ମହୋତ୍ସବ ସପ୍ତାହ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ସବୁଜ ଓଡ଼ିଶା ଯୋଜ୍‌ନାଥି ଅନୁସୂଚିତ ଜନଜାତି ମାନ୍‌କର୍ ରୋଜ୍‌ଗାର୍ ବଢ଼ାବାର୍ ଲାଗି ଶାଳ, ତେନ୍ତେଲ୍, ବାଉଁଶ୍ ଆଉ ଉଷୋ ଗଛ୍ ଲାଗି ଶହେ ନୁ ଅଏତ୍‌କା ପ୍ରକ୍ରିୟା କେନ୍ଦ୍ର ଥାପ୍‌ନା କରାଯିବା । ଇତାର୍ ଜରିଏ ୫ ହଜାର୍ କୋଟି ଟଙ୍କାନୁ ଅଏତ୍‌କା କମାନି କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଇ ବଛର୍ ଏକ୍ ପେଡ଼୍ ମା କେ ନାମ୍ ଦୁଇ ନମ୍ବର୍ ଖେପ୍ ଅଭିଯାନ୍‌ଥି ୭ କୋଟି ୫୦ ଲାଖ୍ ଗଛ୍ ଲଗାବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଇ ବଛର୍ ବନ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ରାଜ୍ୟସ୍ତରୀୟ ପୁରସ୍କାର୍ କଲାହାଣ୍ଡି ଜିଲ୍ଲାର୍ ତୁଲଙ୍ଗପଦର ବନ ସୁରକ୍ଷା ସମିତି ଆଉ କରଞ୍ଜିଆ ଫରେଷ୍ଟ୍ ଡିଭିଜନ୍‌ର ପାହାଡ଼ପୁର୍ ବନ ସୁରକ୍ଷା ସମିତିକେ ମିଲିତ୍ ଭାବେ ୪ ଲାଖ୍ ଟଙ୍କା ଆଉ ସାର୍ଟିଫିକେଟ୍ ଦିଆଯାଇଛେ ।

ରାଜସ୍ୱମନ୍ତ୍ରୀ- ବନ୍ୟା ଥିତି ହି.ସ.

ରାଏଜେ ସମ୍ଭାବ୍ୟ ବନ୍ୟା ଥିତିକେ ନେଇକରି ସର୍‌କାର୍ ତୟାର୍ ଅଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍, ଝଁକେର୍ ବର୍ଷାର୍ ଲାଗି ରାଜ୍ୟର୍ କେତେଟା ନଦୀ ନ ଜଲ୍‌ସ୍ତର୍ ବଢ଼ିଛେ । ମାତରକ କେନ୍‌ସି ନଦୀ ନ ବିପଦ୍ ସଙ୍କେତ୍ ଥିତି ନାଇଁନ । ଭଦ୍ରକ୍, ଝାର୍‌ସୁଗୁଡ଼ା ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ଜବର୍ ବର୍ଷା ହେଇକରି ବହୁତ୍‌ଟେ ନୁକ୍‌ସାନ୍ ହେଇଛେ । ତଲିଆ ଇଲାକାମାନ୍‌କେ ବନ୍ୟା ଆଶଙ୍କା କରିକରି ଜିଲ୍ଲାପାଲ୍‌ମାନ୍‌କୁ ତୟାର୍ ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ରିଲିଫ୍ ଆଉ ବନ୍ୟା ଆଶ୍ରୟସ୍ଥଲ୍‌ମାନ୍‌କେ ଭର୍‌ପୁର୍ ବ୍ୟବସ୍ଥା କରାଯାଇଛେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ରାଜ୍ୟ ବିଜେପି ସଭାପତି -ନାମାଙ୍କନ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ବିଜେପି ସଭାପତି ନିର୍ବାଚନ୍ ଲାଗି ଆଏଜ୍ ନାମାଙ୍କନ ପ୍ରକ୍ରିୟା ଶେଷ୍ ହେଇଛେ । ସଭାପତି ପଦ୍ ଲାଗି ମନ୍‌ମୋହନ୍ ସାମଲ୍ ଝନେନ ପ୍ରାର୍ଥୀ ନାମାଙ୍କନ୍ ଦାଖଲ୍ କରିଛନ୍ । ବିଜେପି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଉପସ୍ଥିତିଥି ଶ୍ରୀ ସାମଲ୍ ନାମାଙ୍କନ୍ ଦାଖଲ୍ କରିଥିଲେ । ସେନ୍ତା ଜାତୀୟ ପରିଷଦ୍ ସଦସ୍ୟ ପଦ୍ ଲାଗି ୩୨ ଝନ୍ ନାମାଙ୍କନ୍ ଦାଖଲ୍ କରିଛନ୍ । ଆଏବା କାଏଲ୍ ଯାଂଚ୍ ଉତ୍‌ରୁ ପରିଷଦ୍ ସଦସ୍ୟଙ୍କର୍ ନାଁ ଘୋଷ୍‌ନା କରାଯିବା ବଲି ଶ୍ରୀ ଜୟସ୍ୱାଲ୍ ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦେଇଛନ୍ ।

ଓଡ଼ିଶା ଉଦ୍ୟାନ କୃଷି ସେବା କେଡ଼ର ବୃଦ୍ଧି    I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା ମତ୍ସ୍ୟଚାଷ ସେବା ଆଉ ଓଡ଼ିଶା ଉଦ୍ୟାନ କୃଷି ସେବା କେଡ଼ରର ଭିନ୍ ଭିନ୍ ପଦ୍‌ବୀ ମାନ୍‌କର୍ ପୁର୍ନବିନ୍ୟାସ୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରିଛନ୍ । ପ୍ରସ୍ତାବ୍ ଅନ୍‌ସାରେ ସର୍‌କାର୍ ୨ ଶହ ୧୭ ଟା ମତ୍ସ୍ୟଚାଷ ସେବା କେଡ଼ର୍ ପଦ୍‌ବୀ ବଢ଼େଇଛନ୍ । ଏଛେନ୍ ଇ

ସଂଖ୍ୟା ୮ ଶହ ୩୫ କେ ପୁହୁଁଚିଛେ । ସେନ୍ତା ଉଦ୍ୟାନ୍ କୃଷି ବିଭାଗ୍ ନ ଭିଲ୍ ୬୭ ଟା ପଦ୍‌ବୀ ବଢ଼ାଯାଇଛେ । ଏଛେନ୍ ଇ ସଂଖ୍ୟା ୪ ଶହ ୭୦ ହେଇଛେ ।

ରାଜ୍ୟ ସର୍‌କାର୍ ଆଏବା ଦିନେ ମାଛ୍ ଚାଷ୍ ଆଉ ଉଦ୍ୟାନ୍ କୃଷି କ୍ଷେତ୍ରଥି ବ୍ୟାପକ ଅଭିବୃଦ୍ଧି ଲକ୍ଷ୍ୟ ରଖିଛନ୍ । ଇତାକେ ନଜର୍‌ଥି ରଖିକରି ମୁଖ୍ୟମନ୍ତ୍ରୀ ଇ ଦୁଇଟା ସେବା କେଡ଼ରର୍ ଅଧିକାରୀମାନ୍‌କର୍ ସଂଖ୍ୟା ବଢ଼ାବାର୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରିଛନ୍ ।

ଯୁକ୍ତ ଦୁଇ ନାଁଲେଖା ମେଧା ତାଲିକା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛ୍‌ରେ ଯୁକ୍ତଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ଶିକ୍ଷାଥି ନାଁଲେଖାବାର୍ ଲାଗି ଆଏଜ୍ ପହେଲା ମେଧା ତାଲିକା ବାହାରିଛେ । ଇ ଖେପେ ମୋଟ୍ ୪ ଲାଖ୍ ୧୩ ହଜାର୍ ୮ ଶହ ୪ ଝନ୍ ଛାତ୍ରଛାତ୍ରୀ ନାଁଲେଖାବାର୍‌କେ ମନୋନୀତ୍ ହେଇଛନ୍ । ଇଥି କଟକ୍‌ର ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଗେ ରହିଥିବାର୍ ଜନାପଡ଼ିଛେ । ପହେଲା ଖେପେ ମନୋନୀତ୍ ହେଇଥିବା ଛାତ୍ରଛାତ୍ରୀମାନେ ଆଏବା କାଏଲ୍‌ଠାନୁ ୧୪ ତାରିଖ୍‌ତକ୍ ନାଁ ଲେଖେଇପାର୍‌ବେ । ୨୧ ତାରିଖ୍ ୨ ନମ୍ବର୍ ମେଧା ତାଲିକା ବାହାର୍‌ବା ବଲି ଜନାପଡ଼ିଛେ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍/ନୂଆପଡ଼ା/ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ କାର୍ଯ୍ୟାଲୟ ଠାନେ ହେଇଥିବା ମିଲିତ୍ ଜନଶୁଣାଣି ଶିବିର୍‌ଥି ୨୦ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍ ଝନେ ହିତାଧିକାରୀଙ୍କୁ ହ୍ୱିଲ୍‌ଚେୟାର୍, ୬ ଝନ୍ ହିତାଧିକାରୀଙ୍କୁ ବିଧବା ଭତା, ଝନେ ଅବିବାହିତାକେ ଭତା, ୨ ଝନ୍‌କୁ  ଦିବ୍ୟାଙ୍ଗ ଭତା, ଝନେ ଦିବ୍ୟାଙ୍ଗଙ୍କୁ ଭିନ୍ନକ୍ଷମ ପ୍ରମାଣ୍‌ପତ୍ର ଆଉ ଝନ୍‌କୁ ରାସନ୍ କାର୍ଡ୍ ଯୁଗେଇ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୧୫ ଟା ଅଭିଯୋଗ୍ ଆସିଥିଲା । ସେ ଭିତ୍‌ରୁ ୨ ଟା ଅଭିଯୋଗ୍‌କେ ରେଡ଼୍‌କ୍ରସ୍ ଆଉ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ସାହାଜ୍ ଲାଗି ପଠାଯାଇଥିଲା ।

କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର୍‌ଥି ଶହେ ୬୪ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୨୯ ଟା ଅଭିଯୋଗ୍‌ର ତୁର୍‌ତି

ସମାଧାନ୍ କରାଯାଇଥିଲା । ଝନ୍‌କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ସାହାଜ୍ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୮୧ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୫୬ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୧୭ ଟା ଅଭିଯୋଗ୍ ଆସିଥିଲା ।

ସବୁ ଜାଗା ନ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜିଏମ୍‌ୟୁ ପ୍ରତିଷ୍ଠା ଦିବସ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳର୍ ୮୧ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଆଇଆଇଟି ଧାନ୍‌ବାଦ୍‌ର ନିର୍ଦ୍ଦେଶକ୍ ପ୍ରଫେସର ସୁକୁମାର୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର ଶ୍ୟାମସୁନ୍ଦର୍ ପଟ୍ଟନାୟକ୍, ବିଶ୍ୱବିଦ୍ୟାଳୟର୍ ଭାରପ୍ରାପ୍ତ କୁଳପତି

ପ୍ରଫେସର୍ ସୁଶାନ୍ତ କୁମାର୍ ଦାସ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍-୨୦ ଟା ଗେଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୦ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଜଲ୍‌ଭଣ୍ଡାରକେ ଫି' ସେକେଣ୍ଡ୍‌ଥି ୨ ଲାଖ୍ ୨୯ ହଜାର୍ ୫୬ ଘନଫୁଟ ପାଏନ୍ ଆସୁଥିବାର୍ ବେଲେ ୩ ଲାଖ୍ ୩୪ ହଜାର୍ ୫ ଶହ ୩୨ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜର୍ ୬ ବଜେ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୯ ଦଶ୍‌ମିକ୍ ଶୂନ୍/୨ ଫୁଟ୍ ରହିଛେ । ଜଲ୍‌ଭଣ୍ଡାର୍‌କେ ଯେତ୍‌କି ପାଏନ୍ ଆସୁଛେ ତାର୍ ଅଏତ୍‌କା ପାଏନ୍ ଛଡ଼ାଯାଉଥିବାର୍‌ନୁ ଆଉ ଅଏତ୍‌କା ଗେଟ୍ ଖୁଲ୍‌ବାର୍ ସମ୍ଭାବନା ନାଇଁନ ବଲି ହୀରାକୁଦ୍ ଡେମ୍ କର୍ତୃପକ୍ଷ ସୂଚ୍‌ନା ଦେଇଛନ୍ ।

ଲୋୟର୍ ଇନ୍ଦ୍ର ପ୍ରକଳ୍ପ - ଜଳ ନିଷ୍କାସନ୍ ନୂଆପଡ଼ା ସମ୍ବାଦଦାତା

ଖରିଫ୍ ଋତୁ ଲାଗି ନୂଆପଡ଼ା ଜିଲ୍ଲା ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ତରଫ୍‌ରୁ ଆଏଜ୍ ପାଏନ୍ ଛଡ଼ାଯାଇଛେ । ପୂଜା କରାଯାଇକରି ଡେବ୍ରିଫାଲ୍‌ର ମୁଖ୍ୟ କେନାଲ୍ ନ ପହେଲା ପାଏନ୍ ଛଡ଼ାଯାଇଛେ ।  ପ୍ରକଳ୍ପନୁ ନଭେମ୍ବର୍ ପହେଲା ହପ୍ତାତକ୍ ପାଏନ୍ ଛଡ଼ାଯିବା । ପ୍ରକଳ୍ପ ଜରିଏ ୨୯ ହଜାର୍ ୯ ଶହ ୯୦ ହେକ୍ଟର୍ ଜମି ନ ଜଲ୍‌ସେଚନ୍ ହେବା ବଲି ଅଧିକ୍ଷଣ ଯନ୍ତ୍ରୀ କହିଛନ୍ ।

ବୌଦ୍ଧ- ନୀଳାଦ୍ରୀ ବିଜେ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ନୀଳାଦ୍ରୀ ବିଜେ ଉତ୍ସବ୍ ହେଇଯାଇଛେ । ଆଏଜ୍ ଦିନ୍‌ବେଲା ମାହାପୁରୁମାନ୍‌କର୍ ନୀତିକାନ୍ତି କର୍‌ବାର୍ ଉତ୍‌ରୁ ଅଧରପଣା ନୀତି ହେଇଥିଲା । ତାର୍ ଉତ୍‌ରୁ ବ୍ରାହ୍ମଣ ସମାଜ୍‌ର ସଦସ୍ୟମାନେ ମାହାପୁରୁମାନ୍‌କୁ ପହଣ୍ଡିଥି ରଥନୁ ଉତ୍‌ରେଇକରି ନୀଳାଦ୍ରୀ ବିଜେ କରେଇଥିଲେ ।

ବୌଦ୍ଧ-ବନମହୋତ୍ସବ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବନଖଣ୍ଡ ତରଫ୍‌ରୁ ନାୟକ ପଡ଼ା ନଗରବନ ଠାନେ ଜିଲ୍ଲାସ୍ତରୀୟ ବନମହୋତ୍ସବ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ୍ ଗୋୟଲ୍ ଆର୍ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବନ ମହୋତ୍ସବ୍ -ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ଆର୍ତତ୍ରାଣପୁର୍ ଠାନେ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ବନ ମହୋତ୍ସବ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗାଁ ପାଖର୍ ଚକାଡଙ୍ଗର୍ ଠାନେ ୫ ହଜାର୍ ଗଛ୍ ଲଗାଯାଇଥିଲା ।

କଲାହାଣ୍ଡି-ବନ ମହୋତ୍ସବ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଦକ୍ଷିଣ ଆଉ ଉତର୍ ବନଖଣ୍ଡ ତର୍‌ଫୁ ବନ ମହୋତ୍ସବ୍ ସପ୍ତାହ ଉଦ୍‌ଯାପନୀ ଅବ୍‌ସରେ ଭବାନୀପାଟ୍‌ନା ଜିଲ୍ଲା କାରାଗାର୍ ବଗିଚା ଠାନେ ଗଛ୍ ଲଗାଯାଇଛେ । ଜିଲ୍ଲା ଆଇନ୍ ଶାଖା କର୍ତ୍ତୃପକ୍ଷ ଆଉ କାରାଗାର୍ ଅଧିକ୍ଷକଙ୍କର୍ ସହେତେ ଜଙ୍ଗଲ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ରହିକରି ଗଛ୍ ଜଗେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୧୩ ତାରିଖ୍‌ତକ୍ ରାଏଜେ ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଇଲାକା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚନା ଜାରି କରାଯାଇଛେ ।